# ଜମୁଛି କାଳୀପୂଜା, ବଢୁଛି ଭିଡ଼


ଚରମ୍ପା ପାଟଣାସାହି ପୂଜା ମଣ୍ଡପ।


କାଳୀପୂଜାରେ ଲୋକଙ୍କ ଭିଡ଼ ଜମିଛି।

ଭଦ୍ରକ,୨।୧୧ (ସନାତନ ରାଉତ)

ଭଦ୍ରକର ଗଣପର୍ବ କାଳୀପୂଜା ଦେଖିବା ପାଇଁ ଚରମ୍ପାରେ ଦିନକୁ ଦିନ ଭିଡ଼ ବଢ଼ିବାରେ ଲାଗିଛି। ଶନିବାର ତୃତୀୟ ଦିନ ଥିବାବେଳେ ଅପରାହ୍ନ ୪ଟାଠାରୁ ଚରମ୍ପା ରେଲଷ୍ଟେଶନ ରାସ୍ତାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଛି। ପୂଜା ମଣ୍ଡପ, ପାର୍ଶ୍ୱମୂର୍ତ୍ତି, ଆକର୍ଷଣୀୟ ତୋରଣ, ଆଲୋକସଜ୍ଜା ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖଣାହାରୀଙ୍କୁ ଆକର୍ଷିତ କରିଛି। ଏହାସହ ମୀନାବଜାର ଓ ମନୋହରି ଦୋକାନ ସାଙ୍ଗକୁ ବିଭିନ୍ନ ଘରକରଣା ସାମଗ୍ରୀ ଦୋକାନରେ ଲୋକଙ୍କ ଗହଳି ଲାଗିଥିଲା।

ମେଳା ସହ ଶନିବାରଠାରୁ ଅପେରା ଆରମ୍ଭ ହୋଇଯାଇଛି। କାଳୀପୂଜା ଅବସରରେ ଅପେରା ପାର୍ଟି ପଡ଼ିଥିବାରୁ ଲୋକଙ୍କ ଭିଡ଼ ଦ୍ୱିଗୁଣିତ ହୋଇଛି। ଚରମ୍ପା ବଜାରର ସ୍କୁଲରୋଡ୍, ବିଶାଣିଖରିଦା କାଳୀମଣ୍ଡପ, ନବଗ୍ରହ ମନ୍ଦିର ରୋଡ୍, ଏରେଇଁ, ପିଡବ୍ଲ୍ୟୁ, ଡଗରାସାହି, ପଥରଆଡ଼ି, ଟ୍ରାଫିକ ରେଲୱେ, ଓଏସ୍ଆର୍‌ଟିସି ଓ ରାଜଘାଟ ପୋଲ ଶନିମନ୍ଦିର ନିକଟରେ କାଳୀପୂଜା ହେଉଛି। ଜିଲା ଓ ଜିଲା ବାହାରୁ ଏପରିକି ପଡ଼ୋଶୀ ପଶ୍ଚିମବଙ୍ଗରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଚରମ୍ପା କାଳୀପୂଜାରେ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଏହି ମେଳାରେ ନିଜର ପସରା ମେଲାଇ ବସିଛନ୍ତି।

### ମେଳାରେ ବୁଲୁଛନ୍ତି ଗାନ୍ଧୀ ବେଶଧାରୀ

ମେଳାରେ ବିଭିନ୍ନ ଜାଗାରେ ମହାତ୍ମା ଗାନ୍ଧୀଙ୍କ ବେଶଧାରୀ ବୁଲୁଥିବାର ଦେଖିବାକୁ ମିଳିଛି। ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ସତୀଶ ନାମକ ବ୍ୟକ୍ତିଙ୍କ ସମେତ କେତେଜଣ ବ୍ୟକ୍ତି ଗାନ୍ଧିଜୀଙ୍କ ବେଶ ଧରି ଏକ ଦାନପାତ୍ର ରଖି ଭିଡ଼ ଭିତରେ ଠିଆ ହୋଇଥିବାର ଦେଖାଯାଇଥିଲା। ମେଳାକୁ ଆସିଥିବା ଲୋକେ ସେହି ପାତ୍ରରେ ନୋଟ୍ ପକାଉଥିବା ଓ ସେଲ୍‌ଫି ନେଉଥିଲେ। ଏକ ଦୁର୍ଘଟଣାରେ ତାଙ୍କ ବାମଗୋଡ଼ ଆହତ ହୋଇଥିବାରୁ ଚିକିତ୍ସା ପାଇଁ ଏପରି ପନ୍ଥା ଆପଣାଇଥିବା ସତୀଶ କହିଥିଲେ।

### ଚାଲିଛି ଟାଟୁ ଟ୍ରେଣ୍ଡ

ପଶ୍ଚିମବଙ୍ଗରୁ ଟାଟୁ ଆର୍ଟିଷ୍ଟମାନେ ଦୁଇ ପଇସା ରୋଜଗାର ଲକ୍ଷ୍ୟରେ ମେଳାରେ ନିଜର ଷ୍ଟଲ୍ ଖୋଲିଛନ୍ତି। ଯୁବତୀ ଯୁବକ ଟାଟୁ କରିବା ପାଇଁ ଭିଡ଼ ଲଗାଉଥିବାର ଟ୍ରେଣ୍ଡ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଦୋକାନରୁ ଚୋରି

ବାସୁଦେବପୁର,୨।୧୧(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ବାଲିମୁଣ୍ଡା ପଞ୍ଚାୟତ ଅଧୀନ ଦାମୋଦରପୁର ଗ୍ରାମର ଅଜୟ ବାରିକ୍‌ଙ୍କ ତେଜରାତି ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୋକାନ ତାଲା ଭାଙ୍ଗି ଚିନି, ଡାଲି ଓ ଅନ୍ୟ କେତେକ ସାମଗ୍ରୀ ଚୋରି ହୋଇଛି। ସ୍ଥାନୀୟ ଲୋକ ଏହି ଚୋରିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଚୋରମାନେ ଅଜୟଙ୍କ ବାଇକ୍ ମଧ୍ୟ ଚୋରି କରି ନେଇଯାଇଛନ୍ତି। ଏନେଇ ନାୟକାଣିଡିହୀ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ପୋଖରୀରେ ପଡ଼ି ଶିଶୁ ମୃତ

ବାସୁଦେବପୁର,୨।୧୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତର ଖସରବେଢ଼ି ଗ୍ରାମରେ ଶନିବାର ଅପରାହ୍ନରେ ପୋଖରୀରେ ପଡ଼ି ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣକ ଦିଗମ୍ବର ପରିଡ଼ାଙ୍କ ପୁଅ ସୌମ୍ୟରଞ୍ଜନ(୨)। ସଂଜ୍ଞାହୀନ ଅବସ୍ଥାରେ ଶିଶୁକୁ ପୋଖରୀରୁ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

# ରାଜରାଜେଶ୍ୱରୀ ବେଶରେ ଭଦ୍ରକାଳୀ

ଭଦ୍ରକ,୨।୧୧(ସନାତନ ରାଉତ)


ପୀଠରେ ଶନିବାର ମା' ଭଦ୍ରକାଳୀଙ୍କ ରାଜରାଜେଶ୍ୱରୀ ବେଶ।

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ତୃତୀୟ ଦିବସରେ ଶନିବାର ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ବେଶରେ ମା'ଙ୍କ ମୁଖମଣ୍ଡଳ ପଦ୍ମବର୍ଣ୍ଣା ଥିବାବେଳେ ହସ୍ତୀ ଓ ବାଘ ମା'ଙ୍କର ବାହନ ଥିଲେ। କମଳା ରଙ୍ଗର ପାଟବସ୍ତ୍ର ପରିଧାନ କରିଥିଲେ। ବାମ ହସ୍ତଯୁଗଳରେ ଖଡ୍‌ଗ ଓ ଶଙ୍ଖ ଧାରଣ କରିଥିବା ବେଳେ ଦକ୍ଷିଣ ହସ୍ତଯୁଗଳରେ ଚକ୍ର, ପଦ୍ମ ଧାରଣ କରି ରାଜରାଜେଶ୍ୱରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ମା'ଙ୍କ ଏହି ବେଶ ଦର୍ଶନ କଲେ ଭକ୍ତଙ୍କ ସମସ୍ତ କାର୍ଯ୍ୟସିଦ୍ଧି ହେବା ସହ ଯଶ, ଐଶ୍ୱର୍ଯ୍ୟପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ବିଶ୍ୱଶାନ୍ତି ମହାଯଜ୍ଞର ତୃତୀୟ ଦିନରେ ଯଜ୍ଞ ମଣ୍ଡପରେ ବେଦବିଦ୍ ବ୍ରାହ୍ମଣଙ୍କ ଦ୍ୱାରା ଗୀତାପାଠ, ବେଦପାଠ, ଶତଚଣ୍ଡୀ ପାଠ, ହୋମ ଓ ନାମଯଜ୍ଞ କରାଯାଇଥିଲା। ସନ୍ଧ୍ୟାରେ ପାଲାଗାୟକ ଲୋକନାଥ ମିଶ୍ରଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା।

# ଦକ୍ଷିଣେଶ୍ୱରୀ କାଳୀଙ୍କୁ ଦର୍ଶନ କଲେ ମନ୍ତ୍ରୀ, ଭାଜପା ରାଜ୍ୟ ସଭାପତି


ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମା' ଦକ୍ଷିଣେଶ୍ୱରୀ କାଳୀଙ୍କୁ ଦର୍ଶନ କରୁଛନ୍ତି।

ଚାନ୍ଦବାଲି,୨।୧୧(କିଷାନ ପାତ୍ର)

ଚାନ୍ଦବାଲିର ଆରାଧ୍ୟ ଦେବୀ ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ପୂଜା ଚାଲିଛି। ଶନିବାର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମା' ଦକ୍ଷିଣେଶ୍ୱରୀଙ୍କୁ ଦର୍ଶନ କରିବା ସହ ପୂଜା ନୈବେଦ୍ୟ ଅର୍ପଣ କରିଥିଲେ। କର୍ମୀମାନଙ୍କ ସହ ପୂଜାର୍ଚ୍ଚନା ପରେ ମନ୍ଦିର ବିଭିନ୍ନ ସମସ୍ୟା ନେଇ ପୂଜା କମିଟି ସହ ଆଲୋଚନା କରିଥିଲେ। ପରେ ଦୁର୍ଗାପଡ଼ିଆରେ ଶ୍ରୀକୃଷ୍ଣ ପୂଜା କମିଟିକୁ ଯାଇ ଗିରି ଗୋବର୍ଦ୍ଧନଙ୍କୁ ଦର୍ଶନ କରିଛନ୍ତି। ମନ୍ଦିରର ଉନ୍ନୟନ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ପ୍ରତିଶ୍ରୁତି ଦେଇଛନ୍ତି।

ଦକ୍ଷିଣେଶ୍ୱରୀ କାଳୀ କମିଟିର ସମ୍ପାଦକ ନିତ୍ୟାନନ୍ଦ ବିଶ୍ୱାଳ ଓ ଶ୍ରୀକୃଷ୍ଣ ମନ୍ଦିର କମିଟିର ସମ୍ପାଦକ ବ୍ରଜସୁନ୍ଦର ମହାନ୍ତିଙ୍କ ସହ ଜିଲା ସମ୍ପାଦକ କମଳାକାନ୍ତ ସୂତାର, କାହ୍ନୁଚରଣ ବେହେରା, ଅଜୟ ନାୟକ, ମୀନକେତନ ବିଶ୍ୱାଳ, ସ୍ମୃତିରଞ୍ଜନ ନାୟକ, ଏନ୍ଏସି ଯୁବ ସଭାପତି ସୁଶାନ୍ତ ମହାନ୍ତି, ବିଜୟ ବେହେରା, ଅଭୟ ବଳ, ମୟୂର ସାହୁ, ବିଳାସ ନାୟକ, ବୁଦ୍ଧଦେବ ଜେନା, ଅରଜିତ ପଣ୍ଡା, ଚନ୍ଦନ ରାଉତ, ଶୀତ ମହାଳିକ, ନୀଳମଣି ପଣ୍ଡା, ଦେବାଶିଷ ନାୟକ, ଉଦୟ କେତନ ବିଶ୍ୱାଳ, ପୂଜା ପଣ୍ଡା ପ୍ରମୁଖ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଖବରଦାତା ନିତ୍ୟପ୍ରକାଶ ବେହେରା ମା' ଦକ୍ଷିଣେଶ୍ୱେରୀ କାଳୀଙ୍କ ଫଟୋଚିତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ।

# ଖୋଲିଲା ଶହୀଦ ଭଗତସେନା ସୂଚନାକେନ୍ଦ୍ର


ବିଧାୟକ ସିତାଂଶୁ ଶେଖର ମହାପାତ୍ର ସୂଚନା କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

ଭଦ୍ରକ,୨।୧୧(ସନାତନ ରାଉତ)

ଐତିହାସିକ ଭଦ୍ରକ କାଳୀପୂଜାରେ ଲକ୍ଷାଧିକ ଲୋକଙ୍କ ସମାଗମକୁ ଲକ୍ଷ୍ୟ ରଖି ସହାୟତା ପାଇଁ ଶହୀଦ ଭଗତ ସେନା ପକ୍ଷରୁ ଶୁକ୍ରବାର ଚରମ୍ପାରେ ଏକ ସୂଚନାକେନ୍ଦ୍ର ଖୋଲାଯାଇଛି। ଚରମ୍ପା ରେଲୱେ ଷ୍ଟେଶନ ନିକଟରେ ଖୋଲାଯାଇଥିବା ସୂଚନାକେନ୍ଦ୍ରକୁ ଭଗତ ସେନା ଆବାହକ ତଥା ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶହୀଦ ଭଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସୂଚନାକେନ୍ଦ୍ରକୁ ଲୋକଙ୍କ ସହାୟତା ପାଇଁ ଲୋକାର୍ପଣ କରିଛନ୍ତି। ଶହୀଦ ଭଗତ ସେନାର ସଦସ୍ୟମାନେ ଉପସ୍ଥିତ ରହି କେମିତି ୯ ଦିନ ଧରି ହେବାକୁ ଥିବା ମେଳାକୁ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସହାୟତା କରିହେବ ସେନେଇ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ପରେ ସମସ୍ତ ପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିଥିଲେ।

# ଶ୍ୟାମାକାଳୀ ପୂଜା ପାଇଁ ଝଲସୁଛି ତିହିଡ଼ି ବଜାର

### ଦକ୍ଷିଣକାଳୀଙ୍କ ପାଖରେ ବୋଦା ବଳି ପରିବର୍ତ୍ତେ ସମର୍ପଣ

ତିହିଡ଼ି,୨।୧୧(ସଞ୍ଜିତ ବଳ)


ତିହିଡ଼ିରେ ପୂଜା ପାଉଥିବା ମା' ଶ୍ୟାମାକାଳୀ।

ଶ୍ୟାମାକାଳୀ ପୂଜା ପାଇଁ ଝଲସୁଛି ତିହିଡ଼ି ବଜାର। ରଙ୍ଗବେରଙ୍ଗର ଆଲୋକମାଳା ସାଙ୍ଗକୁ ଆଲୋକିତ ତୋରଣ ପୂଜାସ୍ଥଳକୁ ବେଶ୍ ମନୋରମ କରିଛି। ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମିତ ହୋଇଥିବା ବେଳେ ଦର୍ଶନ ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। କାଳୀପଡ଼ିଆରେ ମୀନାବଜାର ପିଲାମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଦୀର୍ଘ ୭୯ବର୍ଷ ହେଲା ଏଠାରେ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହେଉଛି। ମା'ଙ୍କ ଶ୍ୟାମଳ ରୂପ ଯୋଗୁ ଶ୍ୟାମାକାଳୀ ନାଁରେ ପୂଜା ପାଇଆସୁଛନ୍ତି। ସାର୍ବଜନୀନ ପୂଜା କମିଟି ସଭାପତି ବୀରେନ୍ଦ୍ର ନାୟକ, ସମ୍ପାଦକ ବୃନ୍ଦାବନ ଜେନାଙ୍କ ସମେତ ଅମର ଜେନା, ଗିରିଜା ରମଣ ଜେନା, ପ୍ରଭାତ ଜେନା, ଧୀରେନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ଦାସ, ଅଶୋକ ପାଢ଼ୀ, ବ୍ରଜକିଶୋର ନାୟକ ପ୍ରମୁଖ ପରିଚାଳନା କରୁଛନ୍ତି।

ସେହିପରି ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳିମେଘା ଗ୍ରାମରେ ୩ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ମା' ଦକ୍ଷିଣକାଳୀଙ୍କ ପୂଜାର୍ଚ୍ଚନା କରାଯାଉଛି। ତତ୍କାଳୀନ ଜମିଦାର ଚୌଧୁରୀ ଅଭିମନ୍ୟୁ ସାମନ୍ତରାୟ ପୂଜା ଆରମ୍ଭ କରିଥିଲେ। ଅମାବାସ୍ୟା ରାତିରେ ସେଠାରେ ବୋଦା ବଳି ଦିଆଯିବାର ପରମ୍ପରା ଥିଲା। ଏବେ ବୋଦାକୁ ମା'ଙ୍କ ନିକଟରେ ସମର୍ପଣ ପରେ ଛାଡ଼ି ଦିଆଯାଉଛି। ସେହିପରି ପୀରହାଟ ପୁରୁଣାବଜାରରେ କାଳୀପୂଜା ୭୫ ବର୍ଷରେ ପହଞ୍ଚିଛି। କମିଟି ସଭାପତି ଅଭୟ କର ଓ ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସମେତ କର୍ମକର୍ତ୍ତାମାନେ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଦୋଳସାହିସ୍ଥିତ ହିଡିମ୍ବାଇ ବଜାରରେ ୭୮ ବର୍ଷ ହେଲା ପାଳନ ହେଉଥିବା କାଳୀପୂଜା ଚଳିତବର୍ଷ ବେଶ୍ ଆଡ଼ମ୍ବରରେ ଆୟୋଜନ କରାଯାଇଛି। ସେହିପରି କାଁପଡ଼ା, କୋହ୍ଲ, ଭାଟପଡ଼ା ଆଦି ସ୍ଥାନରେ ମା' କାଳୀଙ୍କ ଆରାଧନା କରାଯାଉଛି।

# ଭାଜପାର କାର୍ଯ୍ୟକର୍ତ୍ତା ବୈଠକ

ଧାମନଗର, ୨।୧୧(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଆନନ୍ଦବଜାରସ୍ଥିତ ଶାନ୍ତି କଲ୍ୟାଣ ମଣ୍ଡପଠାରେ ଭାଜପାର କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶହୀଦ ମଣ୍ଡଳ ସଭାପତି ଅଜୟ କୁମାର ବଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ। ଧାମନଗର ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିବା ସହ ବାତ୍ୟା ଓ ବନ୍ୟା ପରିସ୍ଥିତିର ମୁକାବିଲା କ୍ଷେତ୍ରରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସେବାର ପ୍ରଶଂସା କରିଥିଲେ। ଦଳୀୟ କର୍ମୀ ଓ ନେତୃମଣ୍ଡଳୀଙ୍କ ଆନ୍ତରିକତା ପାଇଁ ବର୍ତ୍ତମାନ ସୁଦ୍ଧା ଧାମନଗର ବିଧାନସଭା କ୍ଷେତ୍ରରେ ୭୫ ହଜାର ଲୋକ ଭାଜପାର ପ୍ରାଥମିକ ସଦସ୍ୟ ହେବା ଏବଂ ଏହା ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଜିଲା ଉପସଭାପତି ଚତୁର୍ଭୁଜ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଦସ୍ୟତା ଅଭିଯାନର ଜିଲା ସଂଯୋଜକ ମନୋରଞ୍ଜନ ମଲ୍ଲିକ, ନିର୍ବାଚନମଣ୍ଡଳୀ ପ୍ରଭାରୀ ପବିତ୍ର ମୋହନ ଦାସ, ବରିଷ୍ଠ ନେତା ଅଶୋକ ପୁହାଣ, ଦୀପ୍ତି ରଞ୍ଜନ ଜେନା, ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢ଼ୀ, ରାମଚନ୍ଦ୍ର ମିଶ୍ର, ଅରବିନ୍ଦ ପତି, ବୁଦ୍ଧଦେବ ଜେନା, ବୈକୁଣ୍ଠନାଥ ସାହୁ, ଶ୍ରୀକାନ୍ତ ନାୟକ, ରଞ୍ଜନ ମହାନ୍ତି, ମହେଶ୍ୱତା ମହାଳିକ, ରାଜେନ୍ଦ୍ର ସାହୁ, ପ୍ରଶାନ୍ତ ନାୟକ, ବିଜୟ ଶଙ୍କର ନାୟକ, ମନୋଜ ଦାସ, ପ୍ରୀତମ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ପୌରପାଳିକାର ସାଧାରଣ ପରିଷଦ ବୈଠକ

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

ବାସୁଦେବପୁର,୨।୧୧(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ପୌର ପରିଷଦର ସାଧାରଣ ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ନିବେଦିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ବାସୁଦେବପୁର ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ପୌରପାଳିକା ନିଜସ୍ୱ ଆୟ ବୃଦ୍ଧିକୁ ଗୁରୁତ୍ୱ ଦେବାକୁ ଏମ୍‌ପି କହିବା ସହ ନିଜସ୍ୱ ଆୟର ପନ୍ଥା କ'ଣ ଅଛି ତାହା ବୁଝିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ପୌରପାଳିକା ୱାର୍ଡବାସୀଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ନିକ୍ଷେପ କଲେ ୱାର୍ଡବାସୀ ଉପକୃତ ହେବେ ବୋଲି କହିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟକାରୀ ଦିଗରେ ପୌରପାଳିକା ଗୁରୁତ୍ୱ ଦେଉ ବୋଲି ଏମ୍‌ପି କହିଥିଲେ। ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ ବକ୍ତବ୍ୟ ରଖିଥିଲେ। ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ସ୍ୱାଗତ ବକ୍ତବ୍ୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ୱାର୍ଡର କାଉନସିଲର ବୈଠକରେ ଯୋଗ ଦେଇଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

### ପୁରିପଡ଼ା ହାଇସ୍କୁଲରେ ପୂଜ୍ୟପୂଜା ସମାରୋହ

ଭଣ୍ଡାରିପୋଖରୀ,୨।୧୧(ରାଜେନ୍ଦ୍ର ଶତପଥୀ)


ସମ୍ବର୍ଦ୍ଧନା ଉତ୍ସବରେ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଜେନା ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତର ପୁରିପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପରିଚାଳନା କମିଟି ସଭାପତି ଉଦୟ ନାରାୟଣ ନନ୍ଦଙ୍କ ଅଧ୍ୟକ୍ଷତାରେ ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ହୋତା, ମୁଖ୍ୟବକ୍ତା ଜିଲା ସଭାପତି ଶଶିଶେଖର କରଶର୍ମା, ଅନ୍ୟତମ ଅତିଥି ଭାବେ କାର୍ଯ୍ୟକାରୀ ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ, ବ୍ଲକ ସମ୍ପାଦକ ମନୋରଞ୍ଜନ ପଣ୍ଡା, ପ୍ରାକ୍ତନ ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ, ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା, ରବୀନ୍ଦ୍ର କୁମାର ମହାରଣା, ଶରତ ଚନ୍ଦ୍ର କୁଣ୍ଡୁ, ବିଜୟଲକ୍ଷ୍ମୀ ପଣ୍ଡା, ପୂର୍ବତନ ସରପଞ୍ଚ ତପସ୍ୱିନୀ ଜେନା, ସାମାଜିକ କର୍ମୀ ଶରତ ଚନ୍ଦ୍ର ଜେନା, ଅର୍ଜୁନ ଚରଣ ସାହୁ, ଶରତ ଚନ୍ଦ୍ର ରାଉତ, ବୈକୁଣ୍ଠନାଥ ପତି ଓ ନୂତନ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମହାପାତ୍ର ଯୋଗ ଦେଇଥିଲେ। ଅତିଥିମାନେ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ତ୍ୟାଗ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷକ ଜେନାଙ୍କ ସମେତ ପୂର୍ବତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ରାଉତ, ଶିକ୍ଷକ ମୁକ୍ତିକାନ୍ତ ମହାନ୍ତି, ସୂର୍ଯ୍ୟମଣି ବେହୁରିଆ, ବିଦ୍ୟାଧର ସାହୁ, ଶରତ ଚନ୍ଦ୍ର ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ସୁରେନ୍ଦ୍ର କୁମାର ସାହୁ ଓ ପ୍ରଭାକର ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ମାନସୀଲତା ତରାଇ ଧନ୍ୟବାଦ ଦେଇଥିଲେ। ରବୀନ୍ଦ୍ର ଦେଓ, ପ୍ରଶାନ୍ତ ନାୟକ, ରାଜେଶ ନାୟକ, ସୁଶାନ୍ତ ନାୟକ, ଅକ୍ଷୟ ସାହୁ, ପ୍ରଣୟ ଶୁଭେନ୍ଦୁ ରାଉତ, ବିନୟ ମହାନ୍ତି ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ଓ ପରିଚାଳନା କମିଟି ସଦସ୍ୟ ପରିଚାଳନା କରିଥିଲେ।

# ସଡ଼କ ଦୁର୍ଘଟଣାରେ ସାମାଜିକ କର୍ମୀଙ୍କ ମୃତ୍ୟୁ

ଭଦ୍ରକ,୨।୧୧(ସନାତନ ରାଉତ)

ଭଦ୍ରକ ବ୍ଲକ ଅଧୀନ ବନ୍ଧଗାଁ ପଞ୍ଚାୟତ ପାଞ୍ଚପଡ଼ା ଗ୍ରାମର ଯୁବ ସାମାଜିକ କର୍ମୀ ରାମଚନ୍ଦ୍ର ପଣ୍ଡା(୩୭)ଙ୍କ ଶୁକ୍ରବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ରାମଚନ୍ଦ୍ର ଓ ତାଙ୍କ ଗ୍ରାମର ରାଜେଶ ଜେନା(୨୩) ଏକ ବାଇକ୍‌ରେ ଭଦ୍ରକରୁ ଘରକୁ ଫେରୁଥିଲେ। ଜାତୀୟ ରାଜପଥର ଡାହାଣୀଗଡ଼ିଆ ପେଟ୍ରୋଲ ପମ୍ପ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଡାଲା ଅଟୋ ସେମାନଙ୍କୁ ଧକ୍କା ଦେଇଥିଲା। ରାମଚନ୍ଦ୍ର ବାଇକ୍‌ରୁ ଛିଟିକି ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜେଶ ସାମାନ୍ୟ ଆହତ ହୋଇଛନ୍ତି। ରାମଚନ୍ଦ୍ରଙ୍କ ମୃତ୍ୟୁ ଖବର ପାଇ ବିଭିନ୍ନ ରାଜନୈତିକ ଦଳର ନେତା, ବୁଦ୍ଧିଜୀବୀ ଓ ଯୁବକମାନେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଶନିବାର ବ୍ୟବଚ୍ଛେଦ ହୋଇ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ କରାଯାଇଥିଲା।

# ବେଆଇନ ମଦ ବିକ୍ରି: ତାତିଲେ ଏସ୍‌ଏଚ୍‌ଜି ମହିଳା

### ଭାଙ୍ଗିଲେ ମଦ ବୋତଲ

ଧାମନଗର,୨।୧୧(ସନ୍ତୋଷ କୁମାର ମହାପାତ୍ର)


ଫଳପୁର ବଜାରରେ ମହିଳାମାନେ ମଦ ବୋତଲ ଭାଙ୍ଗୁଛନ୍ତି।

୪ ବର୍ଷରୁ ଊର୍ଦ୍ଧ୍ୱ ହେଲା ବେଆଇନ ମଦ ବିକ୍ରି ନେଇ ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏସ୍‌ଏଚ୍‌ଜି (ସ୍ୱୟଂସହାୟକ ଗୋଷ୍ଠୀ) ମହିଳା ତାତିଛନ୍ତି। ଶନିବାର ମହିଳା ଗୋଷ୍ଠୀର ସଦସ୍ୟାମାନେ ଏକାଠି ହୋଇ ପାନ ଦୋକାନରେ ବିକ୍ରି ହେଉଥିବା ମଦ ବୋତଲ ସବୁ ଭାଙ୍ଗିବା ସହ ମଦ ବିକ୍ରି ନ କରିବାକୁ ଚେତାବନୀ ଦେଇଛନ୍ତି। ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତର ଫଳପୁର ବଜାରରେ ଏପରି ଘଟଣା ଦେଖିବାକୁ ମିଳିଛି।

ଉକ୍ତ ବଜାରରେ ଏକ ପାନ, ଚା' ଦୋକାନରେ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ସ୍ଥାନୀୟ ମହିଳାଙ୍କ କହିବା ଅନୁଯାୟୀ, ବହୁବାର ଅଭିଯୋଗ ପରେ ମଧ୍ୟ ଧାମନଗର ଅବକାରୀ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇନାହିଁ। ମଦ ବିକ୍ରି ଦ୍ୱାରା ସ୍ଥାନୀୟ ବାସିନ୍ଦା ମହିଳାମାନେ ନିର୍ଯାତନାର ଶିକାର ହେଉଛନ୍ତି। ଅଧିକାଂଶ ସମୟରେ ପାଟିତୁଣ୍ଡ ହେବା ସହ ବହୁବାର ଟଙ୍କା ଅଭାବରୁ ପରିବାର ଲୋକଙ୍କୁ ଉପାସରେ ରହିବାକୁ ପଡ଼ିଛି। ଶନିବାର ଗ୍ରାମର ପ୍ରାୟ ୧୦ ସ୍ୱୟଂସହାୟକ ଗୋଷ୍ଠୀର ୫୦ରୁ ଊର୍ଦ୍ଧ୍ୱ ମହିଳା ଉକ୍ତ ଦୋକାନରେ ଥିବା ପ୍ରାୟ ୨୦ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ବୋତଲକୁ ଆଣି ରାସ୍ତାରେ ଭାଙ୍ଗିଛନ୍ତି। ଦୋକାନକୁ ଲାଗି ବାଡ଼ିଘରର ବୀଣା ମୂଳ ଓ କଦଳୀ ଗଛ ମୂଳରେ ଲୁଚାଇ ରଖିଥିବା ମଦ ବୋତଲକୁ ମହିଳାମାନେ ଖୋଜି ବାହାର କରି ଭାଙ୍ଗି ଦେଇଥିଲେ। ପୁନର୍ବାର ବିକ୍ରି ହେଲେ ମଦ ବିକ୍ରି କରୁଥିବା ଲୋକଙ୍କ ଘରକୁ ବନ୍ଦ ରଖାଯିବା ସହ ସେମାନଙ୍କ ପରିବାର ଲୋକଙ୍କୁ ବାହାରକୁ ଛାଡ଼ିବେ ନାହିଁ ବୋଲି ଗ୍ରାମର ମାନସୀଲତା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ନାୟକ, ରଞ୍ଜିତା ସାହୁ, ମମତା ସାହୁ, ମନୋରମା ସାହୁ, କାମିନୀ ନାୟକ, ସୌଦାମିନୀ ମାଝୀ, ସରସ୍ୱତୀ ମାଝୀ, ମିନତି ମାଝୀ, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଡ୍ରେନ୍‌ରେ ପଡି ବ୍ୟବସାୟୀଙ୍କ ମୃତ୍ୟୁ

ଡେଙ୍କିକୋଟ,୨।୧୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଡେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ତୋରାଣୀପୋଖରୀ ପଞ୍ଚାୟତ ମଥୁରାପଶି ଗ୍ରାମର ଜଣେ ବ୍ୟବସାୟୀ ଡ୍ରେନ୍‌ରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ଗ୍ରାମର ଦୁଷ୍ମନ୍ତ ମହାନ୍ତ (୪୦)। ସେ ଶୁକ୍ରବାର ସାପ୍ତାହିକ ହାଟ ବାଙ୍କପାଟୁଳିକୁ ବ୍ୟବସାୟ କରିବା ପାଇଁ ଆସିଥିଲେ। ହାଟ ସାରି ସନ୍ଧ୍ୟାରେ ନିଜ ମୋପେଡରେ ଜଙ୍ଗଲ ରାସ୍ତାରେ ଗଲାବେଳେ ଡ୍ରେନ୍‌ରେ ପଡ଼ିଯାଇଥିଲେ। ଶନିବାର ସକାଳେ ଲୋକ ଦେଖି ଡେଙ୍କିକୋଟ ପୋଲିସ ବିଟ ହାଉସକୁ ଖବର ଦେଇଥିଲେ। ଖବର ପାଇ ବିଟ ହାଉସ ଏ.ଏସ.ଆଇ ସୁରଥ ଦେହୁରୀ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ. ୩୭୯/୨୪) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

### ବିଲରେ ପଡ଼ିଯାଇ ମହିଳାଙ୍କ ମୃତ୍ୟୁ

ଡେଙ୍କିକୋଟ,୨।୧୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ସଦର ଥାନା କାଠବାରୀ ପଞ୍ଚାୟତ ଲକ୍ଷ୍ମୀପଶି ଗ୍ରାମର ଅମ୍ବିକା ରାଏ (୬୫) ବିଲରେ ପଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ସେ ବିଲକୁ ଯାଇଥିବା ବେଳେ ମୁଣ୍ଡ ବୁଲାଇ ପଡିଯିବାରୁ ମୁଣ୍ଡରେ ଆଘାତ ଲାଗିଥିଲା। କେନ୍ଦୁଝର ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଡେଙ୍କିକୋଟ ପୋଲିସ ବିଟ ହାଉସ ଏଏସ୍‌ଆଇ ସୁରଥ ଦେହୁରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଘଟଗାଁ ଥାନାରେ ଏକ ମାମଲା( ନଂ. ୫୮/୨୪) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖବରଦାତାଙ୍କୁ ବିଡିଓଙ୍କ ଆକ୍ରମଣ ଘଟଣା

ଆନନ୍ଦପୁର,୨।୧୧(ସୁଶାନ୍ତ କୁମାର ସାହୁ): ସ୍କୁଲ କାମରେ ମିଥ୍ୟା ଭାଉଚର କରି ଟଙ୍କା ହଡ଼ପ ଘଟଣାର ଖବର ସଂଗ୍ରହ କରିବାକୁ ଯାଇଥିବା ସୁବର୍ଣ୍ଣପୁର ଜିଲାର ଖବରଦାତାଙ୍କୁ ବିଡିଓଙ୍କ ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଛି। ସାମ୍ବାଦିକ ସଂଘ ଷ୍ଟେଟ୍ ୟୁନିୟନ ଅଫ ଜର୍ନାଲିଷ୍ଟ ଆସୋସିଏଶନ (ଏସୟୁଜେ) କେନ୍ଦୁଝର ଶାଖା ପକ୍ଷରୁ ଆନନ୍ଦପୁର ଉପ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ, ଘଟଣାକୁ ନେଇ ଉଭୟ ବିଡିଓ ଓ ଖବରଦାତାଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ମାତ୍ର ପୋଲିସ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଖବରଦାତାଙ୍କୁ ପେସାଦାର ଅପରାଧୀ ଭଳି ଉଠାଇନେଇ କୋର୍ଟଚାଲାଣ କରିଛି। ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମିଶ୍ରଙ୍କ ନେତୃତ୍ୱରେ ଜିଲା ଶାଖା ସମ୍ପାଦକ ଶ୍ରୀକୁମାର ମିଶ୍ର, ନାରାୟଣ ସାହୁ, ସୋପ୍ନେଶ୍ୱର ପଣ୍ଡା, ଭାଗୀରଥି ଦାଶ, ରାଜେନ୍ଦ୍ର ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

# ଲୋଭ ପରିହାର କରିବାକୁ ଆହ୍ୱାନ

**ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା**

କେନ୍ଦୁଝର,୨।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ୨୮ରୁ ଆରମ୍ଭ ହୋଇଥିବା ବେଳ ନଭେମ୍ବର ୩ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଅତିଥି ପରିଚୟ ସହ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଭିଜିଲାନ୍ସ ଉପ ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ପୂଜାରୀ ବିଭିନ୍ନ ଦୁର୍ନୀତି ବିରୋଧୀ ଅଭିଯାନ ବାବଦରେ ବିବରଣୀ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ଆୟୋଜିତ ସାଧାରଣ ସଭାରେ ଅତିରିକ୍ତ ଜିଲାପାଳ ଆଲୋକ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲ୍ଲୀପ କୁମାର ନାୟକ, ଜିଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ଓ ଏସିଏଫ କେ. ନାଗରାଜୁ ଅତିଥିଭାବେ ଯୋଗଦେଇ ଭାରତୀୟ ସଂସ୍କୃତି କାହିଁ କେଉଁ ଅବାହମାନ କାଳରୁ ସତ୍ୟନିଷ୍ଠ ସଂସ୍କୃତିର ନିଦର୍ଶନ ଦେଇ ଆସୁଛି। ମନୁଷ୍ୟ ନିଜ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ନ ଦେଇ ଲୋଭର ବଶବର୍ତ୍ତୀ ହୋଇ ଦୁର୍ନୀତିର ମୂଳଦୁଆ ପକାଏ। ଲୋଭକୁ ପରିହାର କରି ବିବେକାନୁମୋଦିତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସଭା ପୂର୍ବରୁ ଛାତ୍ରୀଛାତ୍ର ଏବଂ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ନେଇ ଏକ ଜନସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରିଥିବା ରାଲିରେ ଶତାଧିକ ଛାତ୍ରୀଛାତ୍ର ଏବଂ ସ୍ୱୟଂ ସହାୟକ ମହିଳା ସଦସ୍ୟ ଅଂଶ ଗ୍ରହଣ କରି ଦୁର୍ନୀତି ବିରୋଧୀ ସଚେତନତା ସ୍ଲୋଗାନ ଦେଇଥିଲେ। ଦୁର୍ନୀତି ନିବାରଣ ବିଭାଗ କେନ୍ଦୁଝର ଶାଖା ପକ୍ଷରୁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। କୃତକାର୍ଯ୍ୟ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଦୁର୍ନୀତି ନିବାରଣ ସଚେତନତା

ପାଟଣା,୨।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସାମ ପାଟଣା ସଭାଗୃହରେ ଶନିବାର ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତଥା କ୍ୟାପଟେନ ଧର୍ମେନ୍ଦ୍ର ସାହୁ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣା ଥାନା ଏଏସ୍‌ଆଇ ଗୌରହରି ଗାରଡିଆ, ସମ୍ମାନିତ ଅତିଥିଭାବେ ଡେମନଷ୍ଟ୍ରେଟର ରଜତ ଦାଶ, ଶରତ ଚନ୍ଦ୍ର ମିଶ୍ର, ଅଧ୍ୟାପିକା ସୁଚିସ୍ମିତା ଦାଶ, ମନ୍ଦାକିନୀ ନାଏକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ଶୂନ୍ୟ ଦୁର୍ନୀତି ଉପରେ ଥିବା ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି କର୍ମ କ୍ଷେତ୍ରରେ ସାଧୁତା ଓ ସ୍ୱଚ୍ଛତା ଅବଲମ୍ବନ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଦୁର୍ନୀତି ନିବାରଣ ଶପଥ ନେଲେ ଛାତ୍ରୀ



ଛାତ୍ରୀମାନେ ଦୁର୍ନୀତି ନିବାରଣ ପାଇଁ ଶପଥ ନେଉଛନ୍ତି।

ଯୋଡ଼ା,୨।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସମ୍ବନ୍ଧରେ ପ୍ରବନ୍ଧ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତି ଛାତ୍ରୀଙ୍କୁ ଦୁର୍ନୀତି ନିବାରଣ କରିବା ପାଇଁ ଶପଥପାଠ କରାଇଥିଲେ। କଲେଜର ଅଧ୍ୟାପିକା ଭାରତୀ ଭଗବତୀ, ଅଧ୍ୟାପିକା ତମନ୍ନା ପଟ୍ଟନାୟକ, ଅଧ୍ୟାପିକା ସୁହାସିନୀ ରଥ, ଅଧ୍ୟାପିକା ରୁକ୍ମଣୀ ବେହେରା ଓ ଡେମୋନଷ୍ଟ୍ରେଟର ମଞ୍ଜୁଶ୍ରୀ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କଲେଜର ଅଧ୍ୟାପିକାମାନେ ଦୁର୍ନୀତିର କାରଣ ଓ ନିରାକରଣ ବିଷୟରେ ଛାତ୍ରୀଙ୍କୁ ସଚେତନ କରାଇଥିଲେ।

## ନୂତନ ଭୋଟର ପଞ୍ଜୀକରଣ ପ୍ରକ୍ରିୟାର ସମୀକ୍ଷା କଲେ



ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଜିଲାପାଳ ବିଶାଳ ସିଂ ଓ ଅଧିକାରୀମାନେ।

କେନ୍ଦୁଝର, ୨।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କେନ୍ଦୁଝର ଗସ୍ତ**

ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଶନିବାର କେନ୍ଦୁଝର ଜିଲା ଗସ୍ତରେ ଆସି ଜିଲାର ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବିଶେଷ ଭାବେ ଅନଗ୍ରସର ଜନଜାତି ସମୁହ (ପିଭିଟିଜି) ବହୁଳ ବୁଥ୍ ଗସ୍ତ କରି ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ଅଧିକରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଚେତନତା ମାଧ୍ୟମରେ ଅନଗ୍ରସର ଜନଜାତି ସମୁହର ଲୋକଙ୍କୁ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଏହି ଅଧିକାର ସାବ୍ୟସ୍ତ କରି ନିର୍ବାଚନ ପ୍ରକ୍ରିୟାର ବ୍ୟାପକତାକୁ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଅପରାହ୍ଣରେ ଜିଲାପାଳଙ୍କ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଜିଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଜିଲାର ନିର୍ବାଚନ ସମ୍ବନ୍ଧୀୟ ନୂତନ ଭୋଟର ପଞ୍ଜିକରଣର ସ୍ଥିତି, ଅଗ୍ରଗତି ସହ ମୃତ ଓ ସ୍ଥାନାନ୍ତର ଭୋଟରଙ୍କୁ ତାଲିକାରୁ ବାଦ କରିବା ଉପରେ ବିଶେଷ ଆଲୋଚନା କରିଥିଲେ। ଏଥିସହ ଜିଲାର ନୂତନ ଭୋଟର ପଞ୍ଜିକରଣକୁ ଧାର୍ଯ୍ୟ ସମୟ ମଧ୍ୟରେ ଶତ ପ୍ରତିଶତ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ଉପ ଜିଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ ସେଠୀ ଏବଂ ଡେପୁଟି କଲେକ୍ଟର ( ନିର୍ବାଚନ) ବିକାଶ ଚନ୍ଦ୍ର ସାହୁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲା କନଷ୍ଟେବଲ ସଂଘ

ସହକର୍ମୀଙ୍କୁ ଏଏସ୍‌ଓଙ୍କ ଦୁର୍ବ୍ୟବହାର ଘଟଣା

କେନ୍ଦୁଝର,୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ପୋଲିସ ବିଭାଗରେ କାର୍ଯ୍ୟରତ ଆସିଷ୍ଟାଣ୍ଟ ସାଇଣ୍ଟିଫିକ ଅଫିସର ନିଜର ସହକର୍ମୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏ ନେଇ ହାବିଲଦାର ସଂଘ ଏବଂ କନଷ୍ଟେବଲ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛି। ପ୍ରକାଶ ଯେ, କେନ୍ଦୁଝର ଜିଲା ପୋଲିସରେ ଆସିଷ୍ଟାଣ୍ଟ ସାଇଣ୍ଟିଫିକ୍ ଅଫିସର ଭାବେ କାର୍ଯ୍ୟ କରୁଥିବା ଧର୍ମେନ୍ଦ୍ର ପାତ୍ର ବିଭିନ୍ନ ସମୟରେ ଥାନାର କର୍ମଚାରୀ ତଥା ହାବିଲଦାର ଓ କନଷ୍ଟେବଲଙ୍କୁ ଦୁର୍ବ୍ୟବହାର କରିଥାନ୍ତି। ଗତ ଜୁନ୍‌ରେ ଅବିନାଶ ପାତ୍ର, ସେପ୍ଟେମ୍ବରରେ ଦେବାଶିଷ ସାହୁ ନାମକ ୨ କନଷ୍ଟେବଲ କେନ୍ଦୁଝରସ୍ଥିତ ଏଏସ୍‌ଓଙ୍କ କାର୍ଯ୍ୟାଳୟରେ ନିଯୁକ୍ତ ହୋଇଥିଲେ। ୨ କନଷ୍ଟେବଲଙ୍କୁ ଏଏସ୍‌ଓ ପାତ୍ର ଛୋଟ ଛୋଟ ଘଟଣାରେ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଛି। ଏମିତିକି ଗ୍ରୋସରୀ କିଣା, ପତ୍ନୀଙ୍କର ଘରୋଇ ସହାୟକ ଭାବେ କାମ କରାଉଥିବା ନେଇ ଅଭିଯୋଗ ହୋଇଛି। କ୍ଷେତ୍ର ପରିଦର୍ଶନବେଳେ ଥାନାଗୁଡ଼ିକରୁ ଅର୍ଥ ଆଦାୟ ପାଇଁ ଏଏସ୍‌ଓ ବାଧ କରିଥାନ୍ତି ବୋଲି କନଷ୍ଟେବଲମାନେ କହିଛନ୍ତି। ପୂର୍ବରୁ ଏଏସ୍‌ଓଙ୍କ ବିରୋଧରେ ରାମଚନ୍ଦ୍ରପୁର, ବାମେବାରୀ ଏବଂ ଅନ୍ୟ ଥାନା ଅଧିକାରୀମାନେ ଅଭିଯୋଗ କରିଛନ୍ତି। ତାଙ୍କର ଏହି ଦୁର୍ବ୍ୟବହାର କାରଣ ପାଇଁ ବର୍ଷକ ମଧ୍ୟରେ ତାଙ୍କ କାର୍ଯ୍ୟାଳୟରେ କାମ କରୁଥିବା ୭ କନଷ୍ଟେବଲ ବଦଳି ହୋଇ ସାରିଲେଣି ଏବଂ ୩ ଜଣ ତାଙ୍କ ବିରୋଧରେ ଲିଖିତ ଅଭିଯୋଗ କରି ସାରିଲେଣି। ତେଣୁ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଓଡିଶା ହାବିଲଦାର କନଷ୍ଟେବଲ ସଂଘ, କେନ୍ଦୁଝର ଶାଖାର ସମ୍ପାଦକ କମଳାକାନ୍ତ ସେଠୀ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି।

## କୁଶଳେଶ୍ୱର କଲେଜରେ ଦୁର୍ନୀତି ନିବାରଣ ସପ୍ତାହ

ରାମଚନ୍ଦ୍ରପୁର,୨।୧୧(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଯୁବ ରେଡକ୍ରସ ତରଫରୁ ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଭବାନୀ ପ୍ରସାଦ ବଳଙ୍କ ସଭାପତିତ୍ୱରେ ଯୁବ ରେଡକ୍ରସ ପରାମର୍ଶଦାତା ମହେଶ୍ୱର ପାତ୍ର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ସାହୁ, ସୁଧାକର ଜେନା, ଭକ୍ତରାମ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ସଚେତନତା ମୂଳକ ପଦଯାତ୍ରା କଲେଜ ପରିସରରୁ ବାହାରି ସ୍ଥାନୀୟ ଗ୍ରାମ ପରିକ୍ରମା କରିଥିଲା। ଅଧ୍ୟାପିକା ଅଳକା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ବିଦେଶୀ ସାମାଜିକ କର୍ମୀ



ବଉଳା,୨।୧୧(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ବଣିଆପଙ୍କ ହାଇସ୍କୁଲର ଶିକ୍ଷା ବ୍ୟବସ୍ଥାକୁ ବିଦେଶୀ ସାମାଜିକକର୍ମୀ ଅନୁଧ୍ୟାନ କରିଛନ୍ତି। ବେଲଜିୟମ୍‌ରୁ ଆସିଥିବା ଏଲମ, ଜିଜୋ, ଉଇଲିମ ଓ ମେରି ସ୍କୁଲ ପରିଦର୍ଶନ କରି ଓଡିଶା ସଂସ୍କୃତି ପରମ୍ପରା ଓ ଶିକ୍ଷା ବ୍ୟବସ୍ଥା ବିଷୟରେ ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିଥିଲେ। ଏଥିସହ ବେଲଜିୟମର ଶିକ୍ଷା ପଦ୍ଧତି ସମ୍ପର୍କରେ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ପ୍ରତିନିଧି ଦଳକୁ ଗୁଣାତ୍ମକ ଶିକ୍ଷା ସମ୍ପର୍କରେ ଆଲୋକପାତ କରଯାଇଥିଲା। ପ୍ରତିନିଧି ଦଳ ବିଭିନ୍ନ ସ୍କୁଲ ପରିଦର୍ଶନ କରି ଗରିବ ଛାତ୍ରୀଛାତ୍ରଙ୍କୁ ଉଚ୍ଚତର ଶିକ୍ଷା ପାଇଁ ସହାୟତା ପ୍ରଦାନ କରୁଥିବା ସୂଚନା ଦେଇଥିଲେ। ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀ, ସ୍ୱାଧୀନ ମହାପାତ୍ର, ମୁକେଶ ନାୟକ, ମନୋରମା ମାଝୀ, ଦେବ ପ୍ରକାଶ ନାୟକ ଉପସ୍ଥିତ ଥିଲେ।

## ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

**ଦିବ୍ୟାଙ୍ଗ ମହିଳା ଘୁଷୁରି ଘୁଷୁରି ଯାଇ ପେନ୍‌ସନ ଆଣିବା ଘଟଣା**

କେନ୍ଦୁଝର,୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଦିବ୍ୟାଙ୍ଗ ମହିଳା ଘୁଷୁରି ଘୁଷୁରି ଯାଇ ପେନ୍‌ସନ ଟଙ୍କା ଆଣିବା ଘଟଣାରେ ଜାତୀୟ ମାନବାଧିକାର କମିଶନ କେନ୍ଦୁଝର ଜିଲାପାଳଙ୍କୁ ନୋଟିସ କରିଛନ୍ତି। ସ୍ଥାନୀୟ ପ୍ରଶାସନର ଦାୟିତ୍ୱହୀନତା ପାଇଁ ଦିବ୍ୟାଙ୍ଗଙ୍କ ଅଧିକାର କ୍ଷୁଣ୍ଣ ଓ ନିର୍ଯାତିତ ହେବାକୁ ପଡ଼ିଥିବାରୁ ଏଭଳି ନୋଟିସ କରିଥିବା ଜଣାପଡ଼ିଛି। ସୁପ୍ରିମକୋର୍ଟ ଆଇନଜୀବୀ ଓ ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଏକ ଅଭିଯୋଗରେ କମିଶନ ଏଭଳି ଆଦେଶ କରିଛନ୍ତି।

ପ୍ରକାଶ ଯେ, ତେଲକୋଇ ବ୍ଲକ୍ ଅଞ୍ଚଳର ରାଇସୁଆଁ ପଞ୍ଚାୟତର ପଥୁରୀ ଦେହୁରୀ (୭୨) ଭତ୍ତା ପାଇଁ ଘୁଷୁରି ଘୁଷୁରି ଖାଲଖମା ରାସ୍ତାରେ ଯାଉଥିବା ସମସ୍ତଙ୍କୁ ବ୍ୟଥିତ କରିଥିଲା। ଏଭଳି ଭିଡିଓକୁ କମିଶନ ଆଗରେ ମାନବାଧିକାର କର୍ମୀ ତ୍ରିପାଠୀ ଉପସ୍ଥାପନ କରିଥିଲେ। ସେହିପରି ଖୁଣ୍ଟାପଡ଼ା ଅଞ୍ଚଳର କୁଲାଡେରା ଗ୍ରାମର ଦିବ୍ୟାଙ୍ଗ ମାଧବ ଜାମୁଡ଼ାଙ୍କ ଦୃଷ୍ଟାନ୍ତ ଦେଇ ସମସ୍ତ ଦିବ୍ୟାଙ୍ଗଙ୍କୁ ଘରେ ଭତ୍ତା ଦେବା ସହ ଟ୍ରାଇସାଇକେଲ ଦେବାକୁ କମିଶନ ନିକଟରେ ନିବେଦନ କରିଥିଲେ। ଦୁର୍ଗମ ଅଞ୍ଚଳର ସମସ୍ତ ଗ୍ରାମକୁ ଅଗ୍ରାଧିକାର ଭିତ୍ତିରେ ସବୁଦିନିଆ ରାସ୍ତା ନିର୍ମାଣ କରିବାକୁ ପ୍ରଶାସନକୁ ଆଦେଶ କରିବାକୁ ସେ ନିବେଦନ କରିଥିଲେ। ଏ ନେଇ କମିଶନ ଜିଲାପାଳଙ୍କୁ ନୋଟିସ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ୪ ସପ୍ତାହ ମଧ୍ୟରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସବିଶେଷ ରିପୋର୍ଟ ଦେବାକୁ ଆଦେଶ କରିଛନ୍ତି।

# ଗାଁ ଭିତରୁ ଛୁଆହାତୀ ଉଦ୍ଧାର

**ଗ୍ରହଣ କଲାନି ମା, ନନ୍ଦନକାନନ ପଠାଯିବ**

କେନ୍ଦୁଝର/ଯୋଡ଼ା,୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ମାନସ ମହାନ୍ତି)



କେନ୍ଦୁଝର ବନଖଣ୍ଡ ସଦର ରେଞ୍ଜ ପଳାସପଙ୍ଗା ସେକ୍ସନ ଅଧୀନ ଜଗଦଳା ଡ୍ୟାମ୍ ନିକଟ ରେଙ୍ଗାଳବେଡ଼ା ଗ୍ରାମରୁ ଏକ ଛୁଆହାତୀ ବନ ବିଭାଗ ଉଦ୍ଧାର କରିଛି। ତା'ର ବୟସ ୪ ବର୍ଷ ହେବ। ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲରୁ ଅଲଗାହୋଇ ଗାଁ ଭିତରକୁ ଚାଲିଆସିଥିଲା।

ପ୍ରକାଶ ଯେ, ଉକ୍ତ ରେଞ୍ଜରେ ୧୩ ଟିକିଆ ହାତୀପଲ ଚଳପ୍ରଚଳ କରୁଛନ୍ତି। ହାତୀପଲ ଶୁକ୍ରବାର ରାତିରେ ଗଡୁଆତୋପା ମହାନ୍ତ ସାହି ଆଡୁ ଜଗଦଳା କେନାଲ ପାରକରି ନିକଟସ୍ଥ ଜଙ୍ଗଲକୁ ଫେରୁଥିଲେ। ଏହି ସମୟରେ ପଲରୁ ଏକ ଅଣ୍ଡିରା ଛୁଆହାତୀ କେନାଲ ଭିତରେ ପଡ଼ିଯାଇଥିଲା। ପରେ ପଲରୁ ଅଲଗାହୋଇ ଗାଁ ଭିତରେ ଜଣଙ୍କ ଘର ଭିତରେ ପଶିଯାଇଥିଲା। ଖବର ଜଣାପଡ଼ିବା ପରେ ଶନିବାର ଛୁଆହାତୀ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଲୋକେ ଫଟୋ ଉଠାଇବା ସହ ଭିଡିଓ କରିଥିଲେ। ଜଣେ ଲୋକ ଛୁଆହାତୀଟିକୁ ହାତ ନ ଲଗାଇ ବସ୍ତାରେ ଠେଲି ଠେଲି ଘରୁ ବାହାର କରିଥିଲେ। ପରେ ଛୁଆହାତୀଟି ଲୋକଙ୍କ ପାଖକୁ ଧାଇଁ ଯାଉଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ଛୁଆହାତୀକୁ ଜଙ୍ଗଲରେ ବୁଲୁଥିବା ପଲରେ ମିଶାଇବାକୁ ଉଦ୍ୟମ କରିଥିଲେ। ତେବେ ହାତୀପଲ କିମ୍ବା ତା' ମା' ଛୁଆହାତୀକୁ ଗ୍ରହଣ କରି ନ ଥିଲା। ହାତୀପଲ ଛୁଆହାତୀ ଛାଡ଼ି ୨ କି.ମି. ପର୍ଯ୍ୟନ୍ତ ଚାଲିଯାଇଥିଲେ। ଛୁଆହାତୀକୁ ପଲ କିମ୍ବା ମା' ଗ୍ରହଣ କରି ନ ଥିବାରୁ ବନ ବିଭାଗ କର୍ମଚାରୀ ତାକୁ ଆଣି ସଦର ରେଞ୍ଜ ପଦ୍ମପୁରସ୍ଥିତ ମେଗା ନର୍ସରୀରେ ରଖିଛନ୍ତି। ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି, ଛୁଆହାତୀକୁ ଜଙ୍ଗଲରେ ହାତୀପଲଙ୍କ ନିକଟରେ ଛଡ଼ାଯାଇଥିଲା। ମାତ୍ର ହାତୀପଲ ତାକୁ ଗ୍ରହଣ କରି ନ ଥିବାରୁ ତାକୁ ଆଣି ମେଗା ନର୍ସରୀରେ ରଖାଯାଇଛି। ସେଠାରୁ ନନ୍ଦନକାନନ ପଠାଯିବ। ପ୍ରକାଶ ଯେ, ମଣିଷ ବସତିରେ ରହିଲେ ବା ମଣିଷ ଛୁଇଁଲେ ହାତୀ ଦେହରୁ ମଣିଷର ଗନ୍ଧ ହାତୀମାନେ ବାରିପାରନ୍ତି। ଏଣୁ ହାତୀପଲ ଛୁଆକୁ ଗ୍ରହଣ କରୁ ନ ଥିବା କୁହାଯାଉଛି।

## ଘରୋଇ କଳହରୁ ଯୁବକଙ୍କ ଆତ୍ମହତ୍ୟା

ଡେଙ୍କିକୋଟ,୨।୧୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଥାନା ଡେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ବଣମହୁଲଡିହା ଗ୍ରାମରେ ଘରୋଇ କଳହରୁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ରଘୁ ମୁଣ୍ଡା(୩୩)। ଶୁକ୍ରବାର କୌଣସି କଥାକୁ ନେଇ ରଘୁ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ରାତିରେ ଖାଇ ପିଇ ଘରେ ଥିବା କୀଟନାଶକ ପିଇ ଶୋଇପଡ଼ିଥିଲେ। ଯନ୍ତ୍ରଣା ପାଇବାରୁ ସ୍ତ୍ରୀ ଜାଣିପାରି ପାଟି କରିବାରୁ ଘର ଲୋକ ତାଙ୍କୁ ପାଟଣା ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡେଙ୍କିକୋଟ ପୋଲିସ ବିଟ ହାଉସ ଏଏସ୍‌ଆଇ ସୁରଥ ଦେହୁରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଗାଁ ଥାନାରେ ଏକ ମାମଲା( ନଂ.୫୯/୨୪) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସୁରଭି: ୧୭ କ୍ଲଷ୍ଟରରୁ ୪୦୦ ଛାତ୍ରୀଛାତ୍ର ସାମିଲ



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବାହାନଗା, ୨।୧୧(ଅରୂପ କୁମାର ଦାସ)

ବାହାନଗା ବ୍ଲକରେ ଶିଶୁ ପ୍ରତିଭା ଉତ୍ସବ 'ସୁରଭି' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୋପାଳପୁରସ୍ଥିତ ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଅତିରିକ୍ତ ଶିକ୍ଷାଧିକାରିଣୀ ପ୍ରାଚୀତନୟା ଗିରି, ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରୁହିଆ ଟୁଡୁ, ଗୋପାଳପୁର ସରପଞ୍ଚ ତୁଷାରକାନ୍ତି ମହାପାତ୍ର, ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କର ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିବା ସରକାରଙ୍କ ପ୍ରମୁଖ ଉଦ୍ଦେଶ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ୧୭ଟି କ୍ଲଷ୍ଟରରୁ ୪୦୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରବନ୍ଧଲିଖନ, କୁଇଜ, ସଙ୍ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ, ବିତର୍କ ଆଦି ପ୍ରତିଯୋଗିତାରେ ଭାଗ ନେଇ ନିଜର ପ୍ରତିଭାକୁ ପ୍ରଦର୍ଶିତ କରିଥିଲେ। ଅପରାହ୍ଣରେ ଉଦ୍‌ଯାପନୀ ଉତ୍ସବରେ ସୋର ବିଧାୟକ ମାଧବ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଧଡ଼ାଙ୍କ ସହ ବ୍ଲକର ୩ଟି ଜୋନର ଜିଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି, ନୀଳାମ୍ବର ମହାଳିକ, ବନପ୍ରଭା ଶିଅଳ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ପ୍ରତିଭାର ପ୍ରଶଂସା କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## କାଳୀପୂଜା ପାଇଁ ଉତ୍ସବ ମୁଖର ପୋଡ଼ାଶୁଳ

ମୁଖ୍ୟ ଆକର୍ଷଣ ସୀତା ହରଣ, ଭଗବାନ ବିଷ୍ଣୁଙ୍କ ସହସ୍ର ରୂପ କୁଞ୍ଜ

ନୀଳଗିରି, ୨।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଜଡ଼ିଦା ପଞ୍ଚାୟତ ପୋଡ଼ାଶୁଳ ଛକଠାରେ ଚାଲିଥିବା ୫୭ବର୍ଷର ଶ୍ୟାମାକାଳୀ ପୂଜା ଓ ମେଳା ଧୁମ୍‌ଧାମ୍‌ରେ ପାଳିତ ହେଉଛି। ରଙ୍ଗୀନ ଆଲୋକମାଳାର ସାଜସଜ୍ଜା ତୋରଣ ସାଙ୍ଗକୁ ଝଲସୁଛି ପରିବେଶ। ରୀତିନୀତି, ପରମ୍ପରା ଅନୁସାରେ ମନ୍ଦିରରେ ମା' କାଳୀଙ୍କ ପୂଜା କାର୍ଯ୍ୟ ଚାଲିଥିବା ବେଳେ ମା'ଙ୍କୁ ଦେଖିବା ଲାଗି ଭକ୍ତଙ୍କ ଭିଡ଼ ଓ ଆଧ୍ୟାତ୍ମିକ ବାତାବରଣ ପ୍ରକମ୍ପିତ ହେଉଛି। ସୂଚନା ଥାଉକି ଆରମ୍ଭ ହୋଇଥିବା ଏହି ପୂଜା ପ୍ରଥମବର୍ଷରୁ ଏହା ଘଟପୂଜାରୁ ଆରମ୍ଭ ହେବା ପରେ ତାର ପରବର୍ତ୍ତୀ ଅବସ୍ଥାରେ ମା'ଙ୍କ ମୂର୍ତ୍ତି ନିର୍ମାଣ ହୋଇ ପୂଜା ସମାପନ ପରେ ବିର୍ସଜନ ଦିଆଯାଇ ଆସୁଥିଲା। ତେବେ ଦୁଇ ବର୍ଷ ହେବ ସ୍ୱତନ୍ତ୍ର ଏକ ମନ୍ଦିରରେ ମା' ଶ୍ୟାମାକାଳୀଙ୍କ ବିଗ୍ରହ ପ୍ରତିଷ୍ଠା ହୋଇ ପୂଜାର୍ଚ୍ଚନା କରାଯାଉଛି। ଚଳିତବର୍ଷ ଏହି ପୂଜାର ମୁଖ୍ୟ ଆକର୍ଷଣ ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମିତ ହୋଇଥିବା ଚଳିତବର୍ଷ ରାମାୟଣର 'ସୀତା ହରଣ' ଏବଂ ଭଗବାନ ବିଷ୍ଣୁଙ୍କ ସହସ୍ର ରୂପ କୁଞ୍ଜଗୁଡ଼ିକ ଦେଖିବାକୁ ଲୋକାରଣ୍ୟ ହୋଇପଡ଼ିଛି ପୋଡ଼ାଶୁଳ ଅଞ୍ଚଳ।

